# କୃଷି ସୂଚନା ସେବା(ଧାନ)

# ଭା.କୃ.ଅନୁ.ପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

## ୨୦୨୦ ମସିହା ଏପ୍ରିଲ ମାସର ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

- କରୋନା ସଂକ୍ରମଣରେ ସାରାଦେଶ କବଳିତ ଥିବା ଅବସ୍ଥାରେ କୃଷକମାନଙ୍କୁ ପରାମର୍ଶ ଦିଆଯାଉଛି କି, ଏହି ସମୟରେ ସେମାନେ ଏହି ଭୂତାଣୁଜନିତ ରୋଗରୁ ନିଜକୁ ରକ୍ଷା କରିବା ପାଇଁ ସାବଧାନତା ଓ ସତର୍କତା ଅବଲମ୍ବନ କରିବେ । ଫସଲ ଅମଳ କରିବା ସମୟରେ କିମ୍ବା ଅନ୍ୟ କୃଷି କାର୍ଯ୍ୟରେ ଅଧିକ ସଂଖ୍ୟକ ଶ୍ରମିକ ନିୟୋଜିତ କରିବେ ନାହିଁ । କାର୍ଯ୍ୟ କରିବା ସମୟରେ ପରସ୍ପର ମଧ୍ୟରେ ଏକ ମିଟର ବ୍ୟବଧାନ ରଖିବେ । ସମସ୍ତ ନିୟୋଜିତ ଶ୍ରମିକ ମୁହଁରେ ମାସ୍କ ପିନ୍ଧିବା ସହ ନିୟମିତ ଅନ୍ତରାଳରେ ସାବୁନରେ ଭଲଭାବରେ ହାତ ଧୋଇବା ଉଚିତ୍ ।
- ଧାନକୁ ବିହନ ହିସାବରେ ବ୍ୟବହାର କରିବାକୁ ଥିଲେ ବିଲରୁ ମିଶା ଧାନ ଗଛଗୁଡିକୁ ଫୁଲ ଉଡାଇବା ସମୟରେ ଭଲଭାବରେ ଦେଖି ବାଛିଦିଅନ୍ତୁ ।
- ବର୍ତ୍ତମାନ ଅବସ୍ଥାରେ ଗନ୍ଧିପୋକ ଦେଖାଦେଇପାରନ୍ତି । ଗନ୍ଧିପୋକର ଆର୍ଥିକଦେହଳୀ ସୀମା ହେଲା ବୁଦାପ୍ରତି ୨ଟି କିମ୍ବା ବର୍ଗମିଟର ପ୍ରତି ୫ଟି ପୋକ ଏହାର ସଂଖ୍ୟା ଯଦି ଆର୍ଥିକଦେହଳୀ ସୀମାରୁ ଅଧିକ ହେଲା ତେବେ ନିମ୍ନଲିଖିତ କୀଟନାଶକ ଔଷଧ ପ୍ରୟୋଗ କରନ୍ତୁ ।

  ଏକର ପିଛା ମାଲାଥିଅନ୍ ୫% ୧୦ କି.ଗ୍ରା. ଗୁଣ୍ଡ ପ୍ରୟୋଗ କରନ୍ତୁ ।

  ଇଥୋଫେନପ୍ରକ୍ସ ୧୦ ଇ.ସି. ୨୦୦ ମି.ଲି. କିମ୍ବା କ୍ଲୋରୋପାଇରିଫସ୍ ୨୦ ଇ.ସି.ଏକ ଲିଟର ପ୍ରତି ଏକର ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**କେଣ୍ଡା କଟା ସଂବାଳୁଆ ଦେଖାଦେଲେ**

- କୁଇନାଲଫସ୍ ୨୫ ଇ.ସି. ୪୦୦ ମି.ଲି. ପ୍ରତି ଏକର କିମ୍ବା କ୍ଲୋରୋପାଇରିଫସ୍ ୨୦ ଇ.ସି. ୫୦୦ ମି.ଲି. ପ୍ରତି ଏକର ବ୍ୟବହାର କରନ୍ତୁ ।
- ଯେତେବେଳେ ଶତକଡ଼ା ୮୦ ଭାଗ ଧାନ ପାକଳ ହୋଇଯାଇଥିବ ସେହି ସମୟରେ କାଟନ୍ତୁ । ନଚେତ୍ ଡାଳୁଅ ଧାନରେ ଧାନ ଝଡିଯିବାର ସମ୍ଭାବନା ଅଧିକ ଥାଏ ।
- ଧାନ ସାଇତି ରଖିବା ପାଇଁ ଶୁଖାଇବା ସମୟରେ ଆର୍ଦ୍ରତା ଶତକଡା ୧୪ ଭାଗ ରହିବା ଦରକାର । ସେଥିପାଇଁ ଭଲ ଖରାରେ ପ୍ରାୟ ୨ ଦିନ ପର୍ଯ୍ୟନ୍ତ ଶୁଖାଇବା ଆବଶ୍ୟକ ।
- ବର୍ଷାଶ୍ରିତ ଖାଲୁଆ ଜମି ଯେଉଁଠାରେ ଧାନ ଛଟାବୁଣା କରାଯାଏ ସେଠାରେ ଖରାଟିଆ ପ୍ରଥମ ଚାଷ କରିଦିଅନ୍ତୁ ।
- ଖରିଫ୍ ଧାନ ଚାଷ ପାଇଁ ଜମି ପ୍ରସ୍ତୁତ କରନ୍ତୁ । ପରବର୍ତ୍ତୀ ପର୍ଯ୍ୟାୟ ଚାଷ ପାଇଁ ଭଲ ବିହନ ସଂଗ୍ରହ କରନ୍ତୁ ।

*****